SHREE JAGANNATHA
TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଜାନୁୟାରୀ - ୨୦୨୨ JANUARY - 2022

# ମାଘ ପୂର୍ଣ୍ଣିମାରେ ଗଜ ଉଦ୍ଧାରଣ ବେଶ

ଶ୍ରୀଭଗବାନଙ୍କର ଗଜ ଉଦ୍ଧାରଣ ଲୀଳା ପ୍ରସଙ୍ଗ ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଧରେ ବର୍ଣ୍ଣିତ । କ୍ଷୀର ସାଗରରେ ତ୍ରିକୂଟ ନାମକ ସୁନ୍ଦର ପର୍ବତ ଥିଲା । ତାର କନ୍ଦରରେ ସିଦ୍ଧ, ଚାରଣ, ଗନ୍ଧର୍ବ ଆଦି ବିହାର କରୁଥିଲେ । ତ୍ରିକୂଟ ପର୍ବତର ନିମ୍ନ ଦେଶରେ ବରୁଣଦେବଙ୍କ ଋତୁମାନ ନାମକ ସୁରମ୍ୟ ଉଦ୍ୟାନ ଥିଲା । ପର୍ବତର ଘନ ଅରଣ୍ୟରେ ଏକ ଗଜେନ୍ଦ୍ର ନିଜ ଯୂଥ ସହ ବାସ କରୁଥିଲା । ତା'ର ଗନ୍ଧମାତ୍ରରେ ସିଂହ ବ୍ୟାଘ୍ର ଆଦି ଭୟରେ ପଳାୟନ କରୁଥିଲେ । ଏକଦା ତୃଷାତୁର ଗଜେନ୍ଦ୍ର ଦୂରରୁ ପ୍ରସ୍ଫୁଟିତ ପଦ୍ମର ସୌରଭରେ ଆକର୍ଷିତ ହୋଇ ଗୋଟିଏ ସରୋବରରେ ପ୍ରବିଷ୍ଟ ହୋଇ ଅମୃତ ସମାନ ମଧୁର ଜଳ ଆକଣ୍ଠ ପାନ କଲାପରେ ସେଥିରେ ସ୍ନାନ କରି ଉନ୍ମତ୍ତ ଜଳକ୍ରୀଡ଼ାରେ ପ୍ରବୃତ୍ତ ହେଲା । ସେ ସମୟରେ ପ୍ରାରବ୍ଧର ପ୍ରେରଣାରେ ଏକ ବଳବାନ କୁମ୍ଭୀର ତାର ଗୋଡ଼କୁ ମୁଖରେ ଧରି ଭିତରକୁ ନେବାକୁ ପ୍ରୟାସ କଲା । କୁମ୍ଭୀରର ବନ୍ଧନରୁ କୌଣସି ପ୍ରକାରରେ ମୁକ୍ତ ହେବା ପାଇଁ ଗଜେନ୍ଦ୍ର ଯଥା ସାଧ୍ୟ ପ୍ରୟାସ କଲା । ଦୁହିଁଙ୍କ ମଧ୍ୟରେ ଦୀର୍ଘକାଳ ଧରି ସଂଗ୍ରାମ ଚାଲିଲା । କ୍ରମଶଃ ଗଜେନ୍ଦ୍ରର ଶରୀର ଶିଥିଳ ଏବଂ ଶକ୍ତି କ୍ଷୀଣ ହେବାକୁ ଲାଗିଲା । ଶେଷରେ ଗଜେନ୍ଦ୍ର ବଞ୍ଚିବାର ଆଶା ନଦେଖି ଅନନ୍ୟୋପାୟ ହୋଇ ଶୁଣ୍ଢରେ ପଦ୍ମଫୁଲଟିଏ ଉତ୍ତୋଳନ କରି ନିଜର ଉଦ୍ଧାର ନିମିତ୍ତ ବିଶ୍ୱର ଏକମାତ୍ର ଆଶ୍ରୟ ଶ୍ରୀହରିଙ୍କୁ ସ୍ମରଣ କରି ପୂର୍ବଜନ୍ମ ସଂସ୍କାରରୁ ତାଙ୍କ ଉଦ୍ଦେଶ୍ୟରେ ଦିବ୍ୟସ୍ତୁତି କରିବାକୁ ଲାଗିଲା ।

| | | | |
|---|---|---|---|
| ଅକ୍ଷର କ୍ଷର ନାହିଁ ଯାର | । | ସେ ବ୍ରହ୍ମ ପରମ ଈଶ୍ୱର | ॥ |
| ଅବ୍ୟକ୍ତ ଅଧ୍ୟାତ୍ମ ସ୍ୱରୂପ | । | ପରମ ଯୋଗ ବଳେ ପ୍ରାପ୍ୟ | ॥ |
| ଅତି ଇନ୍ଦ୍ରିୟ ସୂକ୍ଷ୍ମ ମୟେ | । | ଅତ୍ୟନ୍ତ ଦୂରେ ଯେହୁ ରହେ | ॥ |
| ଏଣୁ ଅନନ୍ତ ଆଦ୍ୟ ପୂର୍ଣ୍ଣ | । | ସେ ହରି ରଖୁ ମୋ ଜୀବନ | ॥ |

(ଶ୍ରୀମଦ୍‌ଭାଗବତ ଅଷ୍ଟମ ସ୍କନ୍ଧ, ତୃତୀୟ ଅଧ୍ୟାୟ)

ଭଗବାନ ଭକ୍ତ ଗଜେନ୍ଦ୍ରର କାତର ସ୍ତୁତି ଶୁଣି ଗରୁଡ଼ାସନରେ ବିଜେ କରି ଚକ୍ରରେ କୁମ୍ଭୀରକୁ ବଧ କରି ଗଜେନ୍ଦ୍ରର ଉଦ୍ଧାର କରିଥିଲେ । ଯେଉଁଦିନ ଗଜେନ୍ଦ୍ରର ଉଦ୍ଧାର ହୋଇଥିଲା ତାହା ଥିଲା ମାଘ ମାସର ପୂର୍ଣ୍ଣିମା ତିଥି । ଗଜେନ୍ଦ୍ର ଭଗବାନଙ୍କ ସ୍ପର୍ଶ ପ୍ରାପ୍ତ ହେଲା ମାତ୍ରେ ଅଜ୍ଞାନାନ୍ଧକାରରୁ ମୁକ୍ତ ହୋଇ ଭଗବାନଙ୍କ ରୂପ ପ୍ରାପ୍ତ ହୋଇ ଭଗବାନଙ୍କ ପାର୍ଷଦ ହେଲେ । କୁମ୍ଭୀରଟି ମଧ୍ୟ ତତ୍‌କ୍ଷଣାତ୍ ଆଶ୍ଚର୍ଯ୍ୟମୟ ଦିବ୍ୟଶରୀର ପ୍ରାପ୍ତ ହୋଇ ସ୍ୱର୍ଗକୁ ଗମନ କରିଥିଲା ।

ପୂର୍ବଜନ୍ମରେ ଗଜେନ୍ଦ୍ର ଥିଲେ ଦ୍ରାବିଡ଼ ଦେଶର ପାଣ୍ଡ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନ । ସେ ଥିଲେ ଭଗବାନଙ୍କର ଏକନିଷ୍ଠ ଉପାସକ । ଏକଦା ରାଜା ରାଜକାର୍ଯ୍ୟ ତ୍ୟାଗ କରି ମଳୟ ପର୍ବତରେ ତପସ୍ୟା କରୁଥିଲେ । ଦିନେ ସ୍ନାନ ପରେ ପୂଜା ସମୟରେ ମୌନବ୍ରତ ଅବଲମ୍ବନ କରି ଭଗବାନଙ୍କର ଆରାଧନାରେ ମଗ୍ନ ଥିଲେ । ଦୈବାତ୍ ସେ ସମୟରେ ଅଗସ୍ତ୍ୟ ମୁନି ଶିଷ୍ୟମଣ୍ଡଳୀ ସହ ସେଠାରେ ପହଞ୍ଚିଥିଲେ । ରାଜା ତାଙ୍କ ସ୍ୱସ୍ଥାନରୁ ଉଠି ଋଷିଙ୍କର ଯଥୋଚିତ ପରିଚର୍ଯ୍ୟା କରିନଥିଲେ । ରାଜାଙ୍କୁ ଗୃହସ୍ଥୋଚିତ ଅତିଥି ସେବା ଆଦି ଧର୍ମ ପରିତ୍ୟାଗ କରି ମୌନ ହୋଇ ଉପାସନା କରିବାର ଦେଖି ଋଷି କ୍ରୋଧରେ ତାଙ୍କୁ ଅଭିଶାପ ଦେଲେ । 'ପରୋପକାରରୁ ନିବୃତ୍ତ ହୋଇ ବ୍ରାହ୍ମଣମାନଙ୍କର ଅପମାନକାରୀ ଏହି ରାଜା ହସ୍ତୀ ପରି ଜଡ଼ବୁଦ୍ଧି ହୋଇଥିବାରୁ ତାକୁ ଅଜ୍ଞାନ ଗଜ ଶରୀର ପ୍ରାପ୍ତ ହେଉ' । ଏହାପରେ ଅଗସ୍ତ୍ୟ ମୁନି ସେଠାରୁ ଚାଲି ଯାଇଥିଲେ । ଭଗବାନଙ୍କ ଆରାଧନା ପ୍ରଭାବରୁ ଗଜ ଶରୀର ପ୍ରାପ୍ତ ହେଲେ ସୁଦ୍ଧା ରାଜାଙ୍କର ଅନ୍ତରରେ ଭଗବାନଙ୍କ ସ୍ମୃତି ଜାଗ୍ରତ ଥିଲା । ତେଣୁ ତାଙ୍କର ଉଦ୍ଧାର ହେଲା । କୁମ୍ଭୀରଟି ପୂର୍ବଜନ୍ମରେ ହୁହୁ ନାମକ ଶ୍ରେଷ୍ଠ ଗନ୍ଧର୍ବ ଥିଲା । ସେ ଅପ୍ସରାଗଣଙ୍କ ସହ ଆସି ଋଷି ଦେବଳଙ୍କ ଆଶ୍ରମ ସମୀପସ୍ଥ ହ୍ରଦରେ ପ୍ରମୋଦ କ୍ରୀଡ଼ା କରିବାର ଦେଖି ଋଷି ଅଭିଶାପରେ ତାଙ୍କୁ କୁମ୍ଭୀର ଶରୀର ପ୍ରାପ୍ତ ହୋଇଥିଲେ । କିନ୍ତୁ ଭଗବାନଙ୍କ ସ୍ପର୍ଶ ହେତୁ ଉଦ୍ଧାର ପାଇଥିଲେ । ସେ ଭଗବାନଙ୍କୁ ପରିକ୍ରମା କରି ତାଙ୍କ ଚରଣରେ ପ୍ରଣାମ ପୂର୍ବକ ନିଜ ଲୋକକୁ ଯାତ୍ରା କରିଥିଲେ ।



ପ୍ରାପ୍ତ ତଥ୍ୟ ଅନୁସାରେ ଭୌମ ବଂଶୀୟା ରାଣୀ ବକୁଳ ମହାଦେବୀଙ୍କ ଦ୍ୱାରା ପ୍ରଥମେ ଉକ୍ତ ବେଶ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ କାଳରେ ତାହା ବନ୍ଦ ହୋଇ ପୁନଃ ୧୫୭୫ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ଗଜପତି ରାମଚନ୍ଦ୍ର ଦେବଙ୍କ ଦ୍ୱାରା, ପରେ ରାଣୀ ସାହେବାଙ୍କ ଦ୍ୱାରା, ସ୍ୱତ୍ତ୍ୱଲିପି ଅନୁସାରେ ସୂର୍ଯ୍ୟମଣି ପାଟମହାଦେଈଙ୍କ ଅମଳରେ ବାସୁଦେବ ବାବାଜୀ, ତତ୍ପରେ ରାୟବାହାଦୁର ରମେଶ ଚନ୍ଦ୍ର ମିତ୍ର, ୧୯୭୭ ମସିହାରେ ଶ୍ରୀମନ୍ଦିର ମିଳିତ ଅନ୍ନଦାନ କମିଟୀ ଦ୍ୱାରା । ପରିଶେଷରେ ୧୯୭୯ରେ ଉଦ୍ୟୋଗ ପତି ଶ୍ରୀମତୀ ଇଲା ପଣ୍ଡାଙ୍କ ଆର୍ଥିକ ସହଯୋଗରେ ଏବଂ ଶ୍ରୀମନ୍ଦିର ପ୍ରଶାସନର ତତ୍ତ୍ୱାବଧାନରେ ଏହି ବେଶ ପ୍ରତିବର୍ଷ ନିୟମିତ ରୂପେ ଅନୁଷ୍ଠିତ ହୋଇ ଆସୁଅଛି ।

ଉକ୍ତ ବେଶରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ପ୍ରତ୍ୟେକ ଚତୁର୍ଭୁଜ ଧାରଣ କରନ୍ତି । ଶ୍ରୀଜଗନ୍ନାଥ ଶଙ୍ଖଚକ୍ର ଗଦା ପଦ୍ମ ଧାରଣ କରି ଗରୁଡ଼ାସନରେ ବିରାଜମାନ ହୁଅନ୍ତି ଓ ତାଙ୍କ କୋଳରେ ଦେବୀ ଲକ୍ଷ୍ମୀ ଉପବେଶନ କରିଥାନ୍ତି । ଶ୍ରୀବଳଭଦ୍ର ଶଙ୍ଖଚକ୍ର ହଳ ମୂଷଳ ଧାରଣ କରିଥିବା ବେଳେ ଦେବୀ ସୁଭଦ୍ରା ଛନ୍ଦାଚରଣରେ ପଦ୍ମକୋରକ ଧାରଣ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ସମୀପରେ ଦୁଇଟି ହସ୍ତୀ ଶୁଣ୍ଢରେ ପଦ୍ମକଳିକା ଧାରଣ କରିଥାନ୍ତି । ହସ୍ତୀର ଶରୀରକୁ ଆକ୍ରମଣ କରିବା ମୁଦ୍ରାରେ କୁମ୍ଭୀରଟିଏ ଥାଏ । ବିଭିନ୍ନ ଅଳଂକାର ଓ ବେଶ ସାମଗ୍ରୀ ପାରମ୍ପରିକ ଶିଳ୍ପୀମାନଙ୍କ ଦ୍ୱାରା ସୋଲଜରି, ଜମ୍ଫୁରା, କନା ଆଦିରେ ପ୍ରସ୍ତୁତ ହୋଇଥାଏ ।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ ସମ୍ପୂର୍ଣ୍ଣ ହେବା ପରେ କ୍ଷୀରି, ଅମାଲୁ ଭୋଗ ଲାଗେ ଏବଂ ସନ୍ଧ୍ୟା ଧୂପ ପୂଜା ଅନୁଷ୍ଠିତ ହୁଏ । ଏହାପରେ ସାହାଣମେଲା ଦର୍ଶନ ପରେ ମହାସ୍ନାନ ପୂର୍ବକ ଅନ୍ୟାନ୍ୟ ନୀତି ହୁଏ । ଉକ୍ତ ଦିନ ଭକ୍ତିର ସହ ଗଜେନ୍ଦ୍ର ସ୍ତୁତି ପାଠ କଲେ ସାଂସାରିକ ପାପତାପ ଦୂରୀଭୂତ ହୋଇ ପୁଣ୍ୟାର୍ଜନ ହୋଇଥାଏ । ଭିତରଛ, ତଳିଛ, ପୁଷ୍ପାଳକ, ଖୁଣ୍ଟିଆ ଓ ମେକାପ ଆଦି ସେବକଙ୍କ ସହଯୋଗରେ ଉକ୍ତ ବେଶ ସମ୍ପନ୍ନ ହୁଏ ।

● ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ

# ଶ୍ରୀମନ୍ଦିର ନୀତି ପରିକ୍ରମା

**ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା :**

ତା ୨.୧.୨୨ ରିଖ ରବିବାର ପୌଷ ଅମାବାସ୍ୟା ତିଥିରେ ବକୁଳ ଅମାବାସ୍ୟା ନୀତି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ଆଳତି, ଅବକାଶ ବଢ଼ି ବେଶ ଲାଗିରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇ ବେଶ ବଢ଼ିଥିଲା ।



ପରେ ଗୋପାଳବଲ୍ଲଭ ସରି ସକାଳ ଧୂପ ଛେକ ଆସିବା ସହିତ ବଉଳ ଗଇଁଠା ଡାଟ ସ୍ୱତନ୍ତ୍ର ଭାବେ ବଢ଼ା ଯାଇଥିଲା । ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପାଳିଆ ପୂଜାପଣ୍ଡା ୩ଜଣ ଷୋଡ଼ଶୋପଚାରରେ ଭୋଗ ସାରିଥିଲେ । ଭୋଗ ସରିଲା ପରେ ଡାଟ ଥାଇ ମୁଦିରସ୍ତ, ପତିମହାପାତ୍ର, ପୂଜାପଣ୍ଡା ତିନି ବାଡ଼ରେ ବନ୍ଦାପନା କରିଥିଲେ । ପ୍ରସାଦ ବାହାରି ପାଣି ପଡ଼ିଲା ପରେ ଅମାବାସ୍ୟା ଦିଅଁ (ଶ୍ରୀନାରାୟଣ) ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରି ସାଗର ବିଜେ ନୀତି ପାଇଁ ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଥିଲେ ।

**ଶ୍ରୀମନ୍ଦିରରେ ନବାଙ୍କ ବେଶ :**

ତା ୧୩.୧.୨୨ ରିଖ ଗୁରୁବାର ନବାଙ୍କ ନୀତି ଶ୍ରୀମନ୍ଦିରରେ ପୂର୍ବ ରୀତିମତେ ସମ୍ପନ୍ନ ହୋଇଥିଲା । ନବାଙ୍କର ପୂର୍ବଦିନ ଦୁଧମେଲାଣ ଅନୁଷ୍ଠିତ ହୋଇଥିଲା । ଏହି ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ରାମକୃଷ୍ଣ ଆଜ୍ଞାମାଳ ପାଇ ଦୁଧମେଲାଣ ନିମନ୍ତେ



ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଗୋଦୋହନ କରି ଦୁଧଭାରମାନଙ୍କୁ ଘେନି ଶ୍ରୀମନ୍ଦିର ନାଟ ମନ୍ଦିର ସାମନାକୁ ବାହୁଡ଼ିଥିଲେ । ଏଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ରାମକୃଷ୍ଣ ଦକ୍ଷିଣଘରକୁ ବାହୁଡ଼ିଥିଲେ । ସେହିପରି ନବାଙ୍କ ଦିନ ସନ୍ଧ୍ୟା ଆଳତି ବଢ଼ିଲା ପରେ ଘଉଳ ମେଲାଣ ନୀତି ଅନୁଷ୍ଠିତ ହୋଇଥିଲା । ଉକ୍ତ ନୀତି ନିମନ୍ତେ ସିଂହଦ୍ୱାର ଚକଡ଼ାରେ ପାହାଡ଼ା ପଡ଼ିବାରେ ବେରଭୋଇ ପ୍ରଧାନ ଧାନଘର ଠାରୁ ଘଉଳ ବିଜେ କରିଥିଲେ । ଏଠାରେ ପ୍ରଧାନ ଭୋଇ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡ଼ ଦେଉଳକୁ ବେଢ଼ାଏ ବୁଲି ଘଉଳଭାରମାନଙ୍କୁ ଇନ୍ଦ୍ରାଣୀ ମନ୍ଦିର ବେଢ଼ାରେ ରଖିବାପରେ ଘଉଳ ମେଲାଣ ହୋଇଥିଲା । ଏହି ଦିନ ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ ନୀତି ପାଳନ କରାଯାଇଥିଲା ।

**ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି :**

ତା ୧୪.୧.୨୨ ରିଖ ଶୁକ୍ରବାର ମକର ସଂକ୍ରାନ୍ତି ହେତୁ ଶ୍ରୀମନ୍ଦିରରେ ପୂର୍ବ ପରମ୍ପରା ପ୍ରକାରେ ନୀତିମାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳଆଳତି, ଅବକାଶ ନୀତି ବଢ଼ିବା ପରେ ଫୁଟା ପହରଣ ଲାଗି ସହିତ ତ୍ରିମୂର୍ତ୍ତିରେ ମକର ଚୂଳ ଲାଗି ହୋଇ କର୍ପୂର ଲାଗି ପୂର୍ବକ ବେଶ ବଢ଼ିଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ଗୋପାଳବଲ୍ଲଭ ଏବଂ ସକାଳ ଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡ଼ି ରୋଷକୁ ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ଘଣ୍ଟଛତା କାହାଳୀ ପଟୁଆର ସହିତ ତଳିଛ ପ୍ରଧାନୀ ହାତପୈଠ ପୂର୍ବକ ଭୋଗ ଛାମୁକୁ ଆସିଥିଲା । ମୁଦିରସ୍ତ ପ୍ରସାଦଲାଗି କରିବା ପରେ ତିନିଜଣ ପାଳିଆ, ପୂଜାପଣ୍ଡା ଷୋଡଶ ଉପଚାରରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲେ । ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପାଳିଆ ପୂଜାପଣ୍ଡା, ରୋଷପାଇକ, ପତ୍ରୀବଡୁ, ସୁଆରବଡୁ ବାହରକୁ ଆସି ଭିତର ବେଢ଼ାରେ ଅଷ୍ଟଦିଗବଳି ଦେଇଥିଲେ ଏବଂ ଭିତରକୁ ଯିବା ପରେ ଭୋଗ ସମାପନ ହୋଇଥିଲା । ଏହାପରେ ପାଣି ପଡି ଟେରା ବନ୍ଧାଯାଇ ପୂର୍ବଦିନରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ମକର ଭୋଗ ନିମନ୍ତେ ଡାକି ଯାଇଥିଲା । ସ୍ମରଣଯୋଗ୍ୟ, ପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡିଆ, ଘିଅ, ମିଠା, ମସଲା ଓ ଦୁଧସର ନେଇ ମକର ଚାଉଳ ପ୍ରସ୍ତୁତ କରିଥିଲେ । ପରେ ପନ୍ତିବଡୁମାନେ ବାଘମୁହାଁ ବାନ୍ଧି ସ୍ୱତନ୍ତ୍ର ପଟୁଆରରେ ମକର ଚାଉଳକୁ ୩ ବେଢ଼ା ବୁଲାଇ ଛାମୁରେ ରଖିଥିଲେ । ଏହାପରେ ମହାଭୋଇ ଦୁଧ, ଗୁଡିଆ ଶାକର, ହଡପ ନାୟକ ନଳିପାନ ଓ ଛାଚିପାନ ବେଢ଼ାକୁ ଯାଇ ଛାମୁରେ ରଖିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପଞ୍ଚୋପଚାରରେ ଭୋଗ ସରିଥିଲା । ଭୋଗ ସରିଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

**ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣମୀ :**


ତା ୧୭.୧.୨୨ ରିଖ ସୋମବାର ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ବା ଦେବାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଥିଲା । ପୂର୍ବଦିନ ରାତ୍ର ଚନ୍ଦନଲାଗି ବଢ଼ିଲା ପରେ ପୂର୍ବରୁ ଧୋ-ପଖାଳ ହୋଇ ରହିଥିବା ଭୋଗମଣ୍ଡପ ଘରେ ପର୍ବଯାତ୍ରା ଯୋଗାଣିଆ ରୋଷ କୂଅରୁ ପାଣି ଆଣି ୮୭ ଗରାରେ ଜଳ ଭର୍ତ୍ତି କରିବା ସହିତ ୨୧ ଗରାରେ ଘିଅ ରଖିଥିଲେ । ମୋଟ ୧୦୮ ଗରାକୁ ୪ ବାଡ଼ କରି ରଖିଲା ପରେ ଚେମେଡ଼ି ପତନି ଘୋଡ଼ାଇ ଫୁଲ ଚନ୍ଦନ ଦିଆଯାଇ ଅଧିବାସ ହୋଇଥିଲା । ପରେ ତଡ଼ାଉ କରଣ ଉକ୍ତ ଦୁଆରକୁ ମୁଦ ଦେଇଥିଲେ । ତା'ପରେ ବଡ଼ସିଂହାର ବେଶ ବଢ଼ି ଭୋଗ ସରିଲା ପରେ ମହାପ୍ରଭୁଙ୍କ ସାମ୍ନା କାନ୍ଥ ନିକଟରେ ଏକଗୋଟି ଭଦ୍ରାସନ ରଖାଯାଇ ଏହାର ଚତୁଃପାର୍ଶ୍ୱରେ ମାଯିବାଡ଼ ଦିଆଯାଇଥିଲା । ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଦର୍ପଣ ଅଧିବାସ ହୋଇ ରାତ୍ର ପହୁଡ଼ ହୋଇଥିଲା । ପୂର୍ଣ୍ଣମୀ ଦିନ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ପୂଜା ବସିବା ସମୟରେ ପ୍ରତିହାରୀ ନିଯୋଗ ସାମନାରେ ହୋମ



ହୋଇଥିଲା । ଧୂପ ସରିଲାପରେ ମହାପ୍ରଭୁଙ୍କ ବାଡ଼ରେ ମୈଲମ ହୋଇ ମହାସ୍ନାନ ପୂଜା ଠା' ହୋଇ ଭୋଗମଣ୍ଡପ ଘରୁ ୪ ବାଡ଼ରେ ଜଳ ଗରାମାନ ଗରାବଡୁମାନଙ୍କ ଦ୍ୱାରା ବାଘମୁହାଁ ସହିତ ଘଣ୍ଟ, ଛାତ, କାହାଳୀ ପଟୁଆରରେ ଛାମୁକୁ ଆସିଲା ପରେ, ଖଇକୋରା ଭୋଗ ସରି ଅଭିଷେକ ନୀତି ସମାପନ ହୋଇଥିଲା ଏବଂ ପାଣିପଡ଼ି ତିନି ବାଡ଼ରେ ଅଭିଷେକ ବେଶ ହୋଇଥିଲା । ପରେ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠରେ ଛେକ ଛାମୁକୁ ଆସିଲା ପରେ ମହାଲକ୍ଷ୍ମୀ ମାଜଣା ହୋଇ ଶ୍ରୀଅଙ୍ଗରେ ଲାଗି ହୋଇଥିଲେ । ଭିତରଛ ଦଣ୍ଡଛତ୍ର ଧରିଥିଲେ, ପାଳିଆ ମେକାପ ଛତ୍ରର ବେଣ୍ଟକୁ ଜାବୁଡ଼ି ଧରିଥିଲେ । ଏହାପରେ ଭୋଗ ସରି ବନ୍ଦାପନା ହୋଇଥିଲା ଏବଂ ମୁଦିରସ୍ତ ଫୁଲଶର, ଆୟୁଧ ଲାଗି କରି ଚାମର, ଆଲଟ କରିଥିଲେ । ପରେ ଘସାବିଡ଼ିଆ, ଦହିପତି ମଣୋହୀ ହୋଇ ଫୁଲଶର ମୈଲମ ହେବା ପରେ ରଘୁନାଥ ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୁଅନ୍ତେ ମୁଦିରସ୍ତ ବର୍ଷପଡ଼ି ଶାଢ଼ୀ ବାନ୍ଧିଥିଲେ । ମୁଦିରସ୍ତ ଶାଢ଼ୀ ବାନ୍ଧି ପାଳିଆ ଖୁଣ୍ଟିଆ ଓ ଆସ୍ଥାନ ପଢ଼ିଆରୀଙ୍କ ଉପସ୍ଥିତିରେ ଜମ୍ବେଶ୍ୱର ମନ୍ଦିରକୁ ଯାଇ ଭୋଗ ନୀତି ସାରି ସ୍ୱଗୃହକୁ ଆସନ୍ତେ ମଙ୍ଗଳାର୍ପଣ ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିନ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ' ହୋଇଥାଏ ।

# ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ଥିବା ବିଭିନ୍ନ ସ୍ଥାନରେ ରୁପା ଛାଉଣି କବାଟ ସଂସ୍ଥାପନ

ବିଶ୍ୱବନ୍ଦିତ ଜଗତର ନାଥ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ଆବାହମାନ କାଳରୁ ପୂଜିତ ହୋଇ ଆସୁଛନ୍ତି । ଶ୍ରୀମନ୍ଦିର ସଂପୂର୍ଣ୍ଣ କଳିଙ୍ଗ ସ୍ଥପତି ଶୈଳୀରେ ନିର୍ମିତ । ଦୈନନ୍ଦିନ ପୂଜା ନୀତି ତଥା ବିଶେଷ ପାର୍ବଣ ନୀତି ଶ୍ରୀମନ୍ଦିରର ସ୍ୱତ୍ତ୍ୱଲିପି ଅନୁଯାୟୀ ପାଳନ କରାଯାଇଥାଏ । ଶ୍ରୀମନ୍ଦିର ତଥା ଏହାର ପରିସରରେ ଥିବା ପାର୍ଶ୍ୱ ମନ୍ଦିରର ବିଭିନ୍ନ ମୁଖ୍ୟ ଦ୍ୱାରଗୁଡ଼ିକ ମହାପ୍ରଭୁଙ୍କର ବିଭିନ୍ନ ନୀତି ସହିତ ଜଡ଼ିତ । ଏହି କାରଣରୁ ଉକ୍ତ ଦ୍ୱାରଗୁଡ଼ିକ ଯଥେଷ୍ଟ ଗୁରୁତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ଦ୍ୱାରଗୁଡ଼ିକ ମଧ୍ୟରୁ ଅନେକ ଦ୍ୱାର ବହୁତ ପୁରାତନ ଏବଂ ଏହାର ନିର୍ମାଣ ଶୈଳୀ ମଧ୍ୟ ପୁରାତନ ଯୁଗର ବୈଷୟିକ ବିନିର୍ଦ୍ଧିଷ୍ଟ ବିବରଣରେ ପ୍ରସ୍ତୁତ ହୋଇଅଛି, ଯାହାକି କାଳକ୍ରମେ ଦୁର୍ବଳ ଏବଂ ସୂଚରୁ ରୂପେ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । କେତେକ ଦ୍ୱାରରେ ଲାଗିଥିବା ପିତଳ ଚଦର ଏବଂ ଆନୁଷଙ୍ଗିକ ଉପକରଣ ଗୁଡ଼ିକ ମଧ୍ୟ ବହୁ ପୁରୁଣା ହୋଇଯାଇଥିଲା ।



ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ଶ୍ରୀମନ୍ଦିର ମଧ୍ୟରେ ଥିବା ଦ୍ୱାରଗୁଡ଼ିକ ମଧ୍ୟରୁ ୮ଟି ଦ୍ୱାର ଯଥା :- (୧) ଜୟ-ବିଜୟ ଦ୍ୱାର (୨) ବେହରଣ ଦ୍ୱାର (୩) କଳାହାଟ ଦ୍ୱାର (୪) ଭୋଗମଣ୍ଡପ ପଶ୍ଚିମ ପାର୍ଶ୍ୱ ଦ୍ୱାର (୫) ସାତ ପାହାଚ ଦ୍ୱାର (୬) ଆଦି ନୃସିଂହ ମନ୍ଦିର ଗର୍ଭଗୃହ ଦ୍ୱାର (୭) ମା' ବିମଳା ମନ୍ଦିର ଗର୍ଭଗୃହ ଦ୍ୱାର (୮) ମହାଲକ୍ଷ୍ମୀ ମନ୍ଦିର ଗର୍ଭଗୃହ ଦ୍ୱାର ଗୁଡ଼ିକ ନୂତନ ରୂପେ ଉନ୍ନତମାନର କାଠ ବ୍ୟବହାର କରାଯାଇ ଏଥିରେ ରୂପା ଚଦର ଆବରଣ କରିବା ସହିତ ଉଚ୍ଚମାନର ଆନୁଷଙ୍ଗିକ ଉପକରଣ ଲଗାଇବା ପାଇଁ ସ୍ଥିର ହୋଇଥିଲା । ଏହି ଆଠଟି ଦ୍ୱାରଗୁଡ଼ିକ ମୂଳ ସ୍ଥାନରୁ ବାହାର କରାଯାଇ ନୂତନ ରୂପେ ପୁନଃ ସଂସ୍ଥାପନ କରିବା ସକାଶେ ମୁମ୍ବାଇର ଜଣେ ଦାତା ସଂପୂର୍ଣ୍ଣ ବ୍ୟୟଭାର ବହନ କରି ଦାନସୂତ୍ରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ । ତଦନୁଯାୟୀ ଏହି ଆଠଟି ଦ୍ୱାରର ନିର୍ମାଣ ଓ ସଂସ୍ଥାପନ କାର୍ଯ୍ୟ ଉକ୍ତ ସଂସ୍ଥା (ଦାତା) ଦ୍ୱାରା ସମ୍ପାଦନ କରାଇବା ସକାଶେ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଥିଲେ । ଏଥି ସକାଶେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସେହି ସଂସ୍ଥାକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ସ୍ଥିର ହୋଇଥିଲା । ଏହି କାର୍ଯ୍ୟକୁ ସୁପରିଚାଳନା କରିବା ସକାଶେ ଶ୍ରୀମନ୍ଦିର ପରିଚାଳନା କମିଟିର ଅନୁମୋଦନ ସହିତ ଏକ ୨୧ ଜଣିଆ କମିଟି ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଦ୍ୱାରଗୁଡ଼ିକର ପରିବର୍ତ୍ତନ ଓ ପୁନଃ ସଂସ୍ଥାପନ କାର୍ଯ୍ୟ ନିର୍ବାହ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅନୁମତି ପ୍ରଦାନ କରିଛନ୍ତି ।

ଏହାପରେ ଉକ୍ତ ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ଭାବରେ ସମ୍ପାଦନ କରିବା ପାଇଁ ଭିନ୍ନ ଭିନ୍ନ କମିଟି ଯଥା :- ବୈଷୟିକ କମିଟି, ସେବାୟତ କମିଟି, ତଦାରଖ କମିଟି ଇତ୍ୟାଦି ଗଠନ କରିବା ସହିତ ବିଭିନ୍ନ ସମୟରେ ଜରୁରୀ ବୈଠକ ଜରିଆରେ ପ୍ରକାର ଭିତ୍ତି ତଥା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପ୍ରଶାସନର ନିର୍ମାଣ ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟ ସୂଚରୁ ରୂପେ ସମ୍ପାଦନ କରାଯାଇଥିଲା ।

**ବୈଷୟିକ ବିବରଣୀ :** ପୁରୁଣା ଦ୍ୱାରଗୁଡ଼ିକ ଶିକୁଳୀ ଓ ପୁଲି ବ୍ୟବହାର କରାଯାଇ ଅତ୍ୟନ୍ତ ସତର୍କତା ସହିତ ମୂଳ ସ୍ଥାନରୁ ବାହାର କରାଯାଇଥିଲା । ତତ୍ପରେ ଅତ୍ୟାଧୁନିକ ପଦ୍ଧତିରେ ତିଆରି କରାଯାଇଥିବା କଳଙ୍କି ମୁକ୍ତ ଲୁହା ଫ୍ରେମକୁ ମୂଳ ସ୍ଥାନରେ ଲଗାଯାଇଥିଲା । ଜୟ ବିଜୟ ଦ୍ୱାର ଓ ବେହରଣ ଦ୍ୱାରର ଲୁହା ଫ୍ରେମର କବଜା ଏକ ବିଶେଷ ବୈଷୟିକ ପ୍ରଣାଳୀରେ ତିଆରି କରାଯାଇଥିଲା, ଯାହାକି ଏକ ୩ ଇଞ୍ଚ ବ୍ୟାସ ବିଶିଷ୍ଟ ମଜଭୁତ ଲୁହାଦଣ୍ଡକୁ କବାଟ ଲାଗିବାକୁ ଥିବା କାନ୍ଥ ପଟେ ଠିଆ ଭାବରେ ପଥର ଚଟାଣରେ ତିଆରି ହୋଇଥିବା ମାଇକ୍ରୋ କଂକ୍ରିଟ ନିଅଁ ଓ ଲୁହା ପ୍ଲେଟ ଉପରେ ବୋଲ୍ଟ ଦ୍ୱାରା ସଂସ୍ଥାପନ କରାଗଲା । ଏହି ଲୁହାଦଣ୍ଡର ଉପରିଭାଗରେ ମଧ୍ୟ ଲୁହା ପ୍ଲେଟ୍ ବୋଲ୍ଟିଂ କରାଯାଇଅଛି । ଏହି ଲୁହାଦଣ୍ଡରେ ୬ଟି ଲେଖାଏଁ କବଜା ସଂଯୁକ୍ତ କରାଯାଇଥିଲା । ତତ୍ପରେ ଏହି ଫ୍ରେମରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ବର୍ମା ସାଗୁଆନ କାଠ କବାଟ ସଂଯୋଗ କରାଯାଇ ନୂତନ ଦ୍ୱାରକୁ ନିର୍ଦ୍ଧିଷ୍ଟ ସ୍ଥାନରେ ସ୍ଥାପନ କରାଯାଇଛି ଏବଂ ଏହା ଉପରେ ଅଭିଜ୍ଞତା ସମ୍ପନ୍ନ କୁଶଳୀ କାରିଗର ଦ୍ୱାରା କଳିଙ୍ଗ ଭାସ୍କର୍ଯ୍ୟର କଳାକୃତି ସମ୍ପନ୍ନ ରୂପା ଚଦର ଆବରଣ କରାଯାଇଅଛି । ପ୍ରକାଶ ଥାଉକି, ଏହି ରୂପା ଚଦରର କଳାକୃତି ଚୟନ କରିବା ପାଇଁ କମିଟି ତରଫରୁ ରଘୁରାଜପୁର ଶିଳ୍ପଗ୍ରାମ ପରିଦର୍ଶନ କରିଥିଲେ । ଏହାପରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ପଦାଧିକାରୀ ଓ ସେବକମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟିରେ ଚିତ୍ରକଳା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା ଏବଂ ୮ଟି ଦ୍ୱାର ମଧ୍ୟରୁ କେଉଁଥିରେ କି ପ୍ରକାର ଚିତ୍ରକଳା ବ୍ୟବହାର କରାଯିବ, ତାହା ସ୍ଥିର କରାଯାଇଥିଲା । ଅନ୍ୟ ୫ଟି ଦ୍ୱାରର କବଜା ଲଗାଇବା ପାଇଁ ପଥର କାନ୍ଥରେ ଆବଶ୍ୟକ ମୁତାବକ କଣା କରାଯାଇ ସେଥିରେ ଲୁହାଦଣ୍ଡ (ବୋଲ୍ଟ ଲାଗିବା ପାଇଁ ନଟ) ଭର୍ତ୍ତି କରି ଏପୋକ୍ସି ଗ୍ରାଉଟିଙ୍ଗ କରାଯାଇଛି । ଏହି ନଟ୍‌ଗୁଡ଼ିକୁ ଲୁହା ପ୍ଲେଟ ସହିତ କାନ୍ଥରେ ଲଗାଯାଇ କବଜାଗୁଡ଼ିକର ଭାର ବହନ କରୁଥିବା ଲୁହା ଫ୍ରେମ ଲଗାଯାଇଛି । ଏହାପରେ ସ୍ଥିରୀକୃତ କଳାକୃତିର ରୂପା ଚଦର ଆବରଣ କାର୍ଯ୍ୟ ସମାପନ କରାଯାଇଛି । ସମସ୍ତ ଦ୍ୱାରରେ ଲାଗିଥିବା ଆନୁଷଙ୍ଗିକ ଉପକରଣର ସ୍ଥାନ ପରିବର୍ତ୍ତନ ନକରି ନୂତନ ଭାବରେ ନିର୍ମିତ ଉଚ୍ଚମାନର ମଜଭୁତ ଉପକରଣ ସଂଯୋଗ କରାଯାଇଛି । ସେବକମାନଙ୍କର ପରାମର୍ଶ କ୍ରମେ ମହାପ୍ରଭୁଙ୍କ ସେବା ନୀତି ନିର୍ବିଘ୍ନରେ ତଥା ସହଜ ଭାବରେ ହୋଇପାରିବା ଭଳି ସମସ୍ତ ଉପକରଣ ନିର୍ଦ୍ଧିଷ୍ଟ ସ୍ଥାନରେ ସଂସ୍ଥାପନ କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ ରଥଯାତ୍ରା ୨୦୨୧ ବେଳେ ଶ୍ରୀବିଗ୍ରହମାନଙ୍କର ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ସମୟରେ ୩ ଗୋଟି ଦ୍ୱାର ଯଥା :- ଜୟ-ବିଜୟ ଦ୍ୱାର, ବେହରଣ ଦ୍ୱାର ଓ ଭୋଗମଣ୍ଡପ ପଶ୍ଚିମ ଦ୍ୱାର (ଗରୁଡ଼ ସ୍ତମ୍ଭ ନିକଟସ୍ଥ)ର ସମସ୍ତ କାର୍ଯ୍ୟ ମାତ୍ର ୭ ଦିନ ମଧ୍ୟରେ ସଂପୂର୍ଣ୍ଣ ରୂପେ ସଂସ୍ଥାପନ କରାଯାଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସୁଚିନ୍ତିତ ପରାମର୍ଶ କ୍ରମେ ଏହିସବୁ କାର୍ଯ୍ୟକରିବା ସମ୍ଭବପର ହୋଇପାରିଥିଲା । ରୂପା କବାଟ ଲାଗିବା ପରେ ନୀଳାଦ୍ରି ବିଜେ ଅବସରରେ ସ୍ୱୟଂ ଜଗନ୍ନାଥଙ୍କ ଶ୍ରୀହସ୍ତରେ ଜୟ-ବିଜୟ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା, ଯାହା ମହାପ୍ରଭୁଙ୍କ ସେଦିନର ନୀତି ସହିତ ଜଡ଼ିତ । ସମୟର ସ୍ୱଳ୍ପତା ଦୃଷ୍ଟିରୁ କଳାହାଟ ଦ୍ୱାର କାର୍ଯ୍ୟ ହୋଇପାରି ନାହିଁ, ଯାହାକି ୨୦୨୨ ରଥଯାତ୍ରା ସମୟରେ ସମ୍ପାଦନ କରାଯିବାକୁ ସ୍ଥିର ହୋଇଛି ।

ଦ୍ୱିତୀୟ ପର୍ଯ୍ୟାୟରେ ରଥଯାତ୍ରା ୨୦୨୧ ପରେ ଅଗଷ୍ଟ ମାସ ୧୬ ତାରିଖ ରୁ ୩୧ ତାରିଖ ମଧ୍ୟରେ ଅବଶିଷ୍ଟ ୪ଟି ଦ୍ୱାର ଯଥା :- (୧) ସାତ ପାହାଚ ଦ୍ୱାର (୨) ଆଦି ନୃସିଂହ ମନ୍ଦିର ଗର୍ଭଗୃହ ଦ୍ୱାର (୩) ମା' ବିମଳା ମନ୍ଦିର ଗର୍ଭଗୃହ ଦ୍ୱାର (୪) ମହାଲକ୍ଷ୍ମୀ ମନ୍ଦିର ଗର୍ଭଗୃହ ଦ୍ୱାରର ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ସମାପନ କରାଯାଇଥିଲା ।

ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଏହି ସାତଟି ଦ୍ୱାର ରୂପାରେ ଝଲକିଲା, ଯାହାକି ଶ୍ରୀମନ୍ଦିରର ଶୋଭାବର୍ଦ୍ଧନ ସହିତ କୋଟି କୋଟି ଭକ୍ତମାନଙ୍କର ଭାବନାରେ ନୂତନ ଆବେଗ ତଥା ଦିବ୍ୟତୃପ୍ତି ସଞ୍ଚରଣ କରି ଏକ ନୂତନ ପରିଚୟ ସୃଷ୍ଟି କରିଛି ଏବଂ ଶ୍ରୀମନ୍ଦିରର ଗାରିମା ବିଶ୍ୱସ୍ତରରେ ପରିବ୍ୟାପ୍ତ ହୋଇପାରିଛି ।


*ଇଂ.ଗୋକୁଳାନନ୍ଦ ସାବତ, ସହକାରୀ ଯନ୍ତ୍ରୀ (ନିର୍ମାଣ) ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଶ୍ରୀକ୍ଷେତ୍ରର ଉତ୍ପତ୍ତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

କିନ୍ତୁ ବ୍ରହ୍ମପୁରାଣ କିମ୍ବା ନାରଦପୁରାଣରେ ଭଗବାନ ବିଷ୍ଣୁ ଇନ୍ଦ୍ରନୀଳମଣିରେ ନିର୍ମିତ ମାଧବରୂପରେ ପୂର୍ବରୁ ପୂଜିତ ହେଉଥିବାରୁ ଉଲ୍ଲେଖ କରାଯାଇଥିଲେ ମଧ୍ୟ ତାଙ୍କୁ ଶବରମାନେ ପୂଜା କରୁଥିବାର ବର୍ଣ୍ଣନା ନାହିଁ । ପଦ୍ମପୁରାଣରେ କଥିତ ହୋଇଛି ଯେ ନୀଳଗିରିଠାରେ ଭଗବାନ ବିଷ୍ଣୁଙ୍କୁ ଦେବତାମାନେ ହିଁ ଗୋପନରେ ପୂଜା କରୁଥିଲେ । ନିକଟରେ ରହୁଥିବା ଶବରମାନେ ଦିନେ ଏକଥା ଜାଣିପାରି ତାଙ୍କୁ ଦର୍ଶନ କରିବାରୁ ସେମାନେ ଚତୁର୍ଭୁଜ ହୋଇ ମୁକ୍ତି ପାଇଥିଲେ ।

ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ସମ୍ପର୍କରେ ଓଡ଼ିଆ ମହାଭାରତରେ ଆଉ ଏକ ଉପାଖ୍ୟାନ ବର୍ଣ୍ଣିତ ହୋଇଛି । ତାହା ଏହି ଯେ ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ତାଙ୍କର ଲୀଳା ସମାପ୍ତ କରିବା ପରେ ବୈକୁଣ୍ଠଧାମକୁ ଫେରିଯିବାକୁ ଇଚ୍ଛା କଲେ । ପ୍ରଥମେ ସେ ତାଙ୍କ ଯଦୁବଂଶର ବୀରମାନଙ୍କୁ ପରସ୍ପର ମଧ୍ୟରେ ଯୁଦ୍ଧ କରାଇ ବିନାଶ କଲେ । ବଳରାମ ମଧ୍ୟ କଠୋର ତପସ୍ୟା କରି ଦେହତ୍ୟାଗ କଲେ । ଶେଷରେ ଶ୍ରୀକୃଷ୍ଣ ନିଶ୍ଚିନ୍ତରେ ନିଜର ମହାପ୍ରସ୍ଥାନ କଥା ଭାବି ଗୋଟିଏ ଶିଆଳିଲତା ଉପରେ ଗୋଡ଼କୁ ଗୋଡ଼ ଛନ୍ଦି ଶୋଇଥିବା ବେଳେ ଜରା ନାମକ ଗୋଟିଏ ଶବର ତାଙ୍କ ପାଦକୁ ଦୂରରୁ ଦେଖି ତାହାକୁ ହରିଣର କାନ ଭାବି ଶର ବିନ୍ଧିଲା । ଶ୍ରୀକୃଷ୍ଣ ସେହି ଶରାଘାତର ଯନ୍ତ୍ରଣାରେ ଆର୍ତ୍ତନାଦ କରିବାରୁ ଜରାଶବର ତାଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଭୁଲ ଜାଣିପାରି ବହୁତ ଅନୁତାପ କଲା । ଶ୍ରୀକୃଷ୍ଣ ତାହାକୁ ସାନ୍ତ୍ୱନା ଦେଇ, ଇନ୍ଦ୍ରପ୍ରସ୍ଥ ଯାଇ ଅର୍ଜୁନଙ୍କୁ ସମ୍ବାଦ ଦେବାକୁ ଆଦେଶ ଦେଲେ । ଅର୍ଜୁନ ସବୁକଥା ଶୁଣି ଦ୍ୱାରକା ଆସିଲେ ଓ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଠାରୁ କଳା ହରଣ କରି ପଞ୍ଚଭୂତ ଶରୀରକୁ ଛାଡ଼ି ବୈକୁଣ୍ଠକୁ ଚାଲିଗଲେ । ତା'ପରେ ଅର୍ଜୁନ ଓ ଜରାଶବର କୃଷ୍ଣଙ୍କର ପିଣ୍ଡକୁ ଦାହ କରିବାକୁ ଚେଷ୍ଟା କଲେ । କିନ୍ତୁ ଛଅଦିନ ପର୍ଯ୍ୟନ୍ତ ସେହି ପିଣ୍ଡ ପୋଡ଼ିଲା ନାହିଁ । ଶେଷରେ ଶୂନ୍ୟବାଣୀ ହେଲା ଯେ କୃଷ୍ଣଙ୍କର ଏହି ଅପୋଡ଼ା ପିଣ୍ଡ କଳିଯୁଗରେ ପୂଜା ପାଇବ, ତେଣୁ ତାହାକୁ ସମୁଦ୍ରରେ ପକାଇଦିଅ । ଅର୍ଜୁନ ଓ ଜରାଶବର ସେହିପରି କରି ଫେରିଗଲେ । ଏହାପରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶ ପାଇ ଜରାଶବର ପାଖକୁ ଆସିଲେ ଓ ଜରାଶବର ମଧ୍ୟ ସେହିପରି ଏକ ସ୍ୱପ୍ନାଦେଶ ପାଇଥିବା ସ୍ମରଣ କଲେ । ଉଭୟେ ମିଶି ରୋହିଣୀକୁଣ୍ଡରୁ ସେହି ପିଣ୍ଡକୁ ଉଦ୍ଧାର କଲେ । ପିଣ୍ଡଟି ସେତେବେଳକୁ ଟାଣ ହୋଇ କାଠ ପାଲଟି ଯାଇଥିଲା । ଇନ୍ଦ୍ରଦ୍ୟୁମ୍ନ ତହିଁରୁ ଚାରିଗୋଟି ମୂର୍ତ୍ତି ଗଢ଼ାଇ ମନ୍ଦିରରେ ସ୍ଥାପନ କଲେ ଓ ତାଙ୍କର ପୂଜା ବ୍ୟବସ୍ଥା କଲେ । ଅବଶ୍ୟ ମୂର୍ତ୍ତି ଗଢ଼ାଇବାର ବ୍ୟଗ୍ରତା ଯୋଗୁ ତାହା ଅଧାଗଢ଼ା ରହିଯାଇଥିଲା ।



ପରବର୍ତ୍ତୀ କାଳରେ ଓଡ଼ିଆ କବିମାନେ ଏହି ତଥ୍ୟକୁ ଅଧିକ ବିକଶିତ କରିବା ସଙ୍ଗେ ସଙ୍ଗେ ସାରଳାଦାସଙ୍କ ବର୍ଣ୍ଣିତ ଘଟନାକୁ ସ୍କନ୍ଦପୁରାଣର ଘଟନା ସହିତ ସମନ୍ୱିତ କରିବାକୁ ପୃଥକ୍ ଭାବରେ ଉଦ୍ୟମ କରିଛନ୍ତି । କିନ୍ତୁ ସାଧାରଣ କଥା ହେଉଛି ଶ୍ରୀକୃଷ୍ଣଙ୍କ ପିଣ୍ଡ ଏହି କ୍ଷେତ୍ରରେ ଏକ ଅପୋଡ଼ା ଭୂମିରେ ଦାହ କରାଯାଇଥିଲା ଓ ପରେ ସମୁଦ୍ରକୂଳରେ ବାଙ୍କିମୁହାଣ ନାମକ ସ୍ଥାନରେ ଲାଗିଥିଲା । ବିଶ୍ୱାସବସୁ ବା ବସୁନାମକ ଜଣେ ଶବର ତାହାକୁ ପାଇ ନୀଳମାଧବ ରୂପରେ ଗୋପନରେ ପୂଜା କରୁଥିଲା । ମହାପ୍ରଭୁ ସ୍ୱୟଂ ତାହା ହାତରୁ ଫଳମୂଳ ଭୋଗ ଗ୍ରହଣ କରୁଥିଲେ । କିନ୍ତୁ ଇନ୍ଦ୍ରଦ୍ୟୁମ୍ନଙ୍କ ଦୂତ ବିଦ୍ୟାପତି ତାଙ୍କୁ ଦର୍ଶନ କରିବାରୁ ସେ ଆଉ ସ୍ୱୟଂ ଭୋଗ ଗ୍ରହଣ କଲେ ନାହିଁ । ଦେଉଳତୋଳାରେ ଲେଖାଅଛି ଯେ ବିଦ୍ୟାପତି ଶବରପଲ୍ଲୀରେ ପହଞ୍ଚିବା ପରେ ଶବରରାଜାର କନ୍ୟା ଲଳିତାର ପ୍ରେମ ଫାଶରେ ବାନ୍ଧି ହେଲେ । ଶବରରାଜା ଲଳିତା ଓ ବିଦ୍ୟାପତିଙ୍କର ବିବାହ ମଧ୍ୟ କରାଇଦେଲେ । ବିଦ୍ୟାପତିଙ୍କର ନୀଳମାଧବ ଦର୍ଶନ କରିବାକୁ ଇଚ୍ଛା ହେବାରୁ ଲଳିତାର ଅନୁରୋଧରେ ଶବରରାଜା ବିଦ୍ୟାପତିଙ୍କୁ ସେହି ଗୁପ୍ତସ୍ଥାନକୁ ନେଇଗଲେ ସିନା, ସେ ବାଟ ଜାଣି ନପାରିବା ଭଳି ଅନ୍ଧପୁଟୁଳି ବାନ୍ଧିଦେଲେ । ଲଳିତା ବିଦ୍ୟାପତିଙ୍କ ଗାମୁଛା କାନିରେ ମାଘଡିଳ ମୁଠାଏ ବାନ୍ଧି, ତାକୁ ଗଲାବେଳେ ଲୁଚାଇ ବାଟ ଦୁଇପାଖେ ବୁଣିବାକୁ କହି ପରବର୍ତ୍ତୀ ବର୍ଷାରେ ସେହି ଡିଳଗୁଡ଼ିକ ଗଛ ହୋଇଗଲେ ଯେପରି ସହଜରେ ବାଟ ଚିହ୍ନିହେବ, ସେ ବ୍ୟବସ୍ଥା କରିଦେଲା ଓ ବିଦ୍ୟାପତି ନୀଳମାଧବଙ୍କ ଦର୍ଶନ ପରେ ଯେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନେଇ ଆସିଲେ, ସେ ସୁବିଧାରେ ନୀଳମାଧବଙ୍କ ଆସ୍ଥାନ ପର୍ଯ୍ୟନ୍ତ ବାଟ କଢ଼ାଇ ପାରିଲେ । ହେଲେ ସେତେବେଳକୁ ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ।

ପରେ ଦୈବବାଣୀ ପ୍ରକାରେ ରାଜା ଇନ୍ଦ୍ରଦ୍ୟୁମ୍ନ ପୂର୍ବୋକ୍ତ ବାଙ୍କି ମୁହାଣରେ ହିଁ ଦାରୁର ସନ୍ଧାନ ପାଇଲେ ଓ ସେହି ଦାରୁରେ ହିଁ ଚତୁର୍ଦ୍ଧାମୂର୍ତ୍ତି ଗଠିତ ହୋଇଥିଲେ । ଦାରବ୍ରହ୍ମ ଗୀତା ଓ ହରିବଂଶରେ ମହାପ୍ରଭୁ ସ୍ୱତଃ ଚତୁର୍ଦ୍ଧାମୂର୍ତ୍ତି ହୋଇଥିବା କୁହାଯାଇଥିବା ସ୍ଥଳେ ଦେଉଳତୋଳାରେ ଉଲ୍ଲେଖ ଅଛି ଯେ ଜଗନ୍ନାଥ ଜଣେ ବୁଢ଼ା ବଢ଼େଇ ରୂପରେ ଆସି ଏକୋଇଶ ଦିନ ମଧ୍ୟରେ ଦ୍ୱାର ବନ୍ଦ କରି ମୂର୍ତ୍ତି ଗଢ଼ିବାକୁ କହିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚାଙ୍କ କଥାରେ ପଡ଼ି ଚଉଦ ଦିନରେ ଦ୍ୱାର ଖୋଲିଦେବାରୁ ମୂର୍ତ୍ତି ଅଧାଗଢ଼ା ରହିଗଲେ । ଏହା ଦେଖି ରାଜା ଇନ୍ଦ୍ରଦ୍ୟୁମ୍ନ ବିକଳ ହୋଇ ରୋଦନ କରିବାରୁ ସ୍ୱୟଂ ଜଗନ୍ନାଥ ରାତ୍ରିରେ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ସେହି ଅସଂପୂର୍ଣ୍ଣ ମୂର୍ତ୍ତିଙ୍କୁ ହିଁ ପୂଜା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଖୋଳବଡ଼ା'ର ଅର୍ଥ କ'ଣ ?
ଉ - ଶ୍ରୀମନ୍ଦିରର ଏକ ପ୍ରକାର ଭୋଗଦ୍ରବ୍ୟ ବିଶେଷ । ଏହା ଶ୍ରୀଜୀଉଙ୍କ ପୂଜାରେ ଲାଗି ହୁଏ ।

୨. ପ୍ର - ଶ୍ରୀମନ୍ଦିରରେ 'ଖୋଲାଘର' କ'ଣ ଗୁରୁତ୍ୱବହନ କରିଥାଏ ?
ଉ - ଏହି ଘର ଅନ୍ୟ କୌଣସି କାର୍ଯ୍ୟ ପାଇଁ ବ୍ୟବହୃତ ହୁଏ ନାହିଁ । ଅଧିକାଂଶ ସମୟରେ ଏହା ବନ୍ଦ ଥାଏ । କିନ୍ତୁ ଆଶ୍ୱିନ ମାସରେ ଦେବୀଙ୍କର ଷୋଳ ପୂଜା ସମୟରେ ଏଠାରେ ତାଟ ରଖାଯାଏ ।

୩. ପ୍ର - ଶ୍ରୀମନ୍ଦିର ପୂଜା ବିଧିରେ 'ଗଇଁଠା'ର ଗୁରୁତ୍ୱ କ'ଣ?
ଉ - ଗଉଳ ଚୂନାକୁ ପ୍ରଥମେ ଗରମ ପାଣିରେ ସିଝାଇ ସେ ଖଳିକୁ ହାତରେ ଦଳି ଛୋଟ ଛୋଟ ଗୁଳା କରି ପାଣିରେ ସିଝାଇ ତିଆରି କରିବା ପିଠା । ବକୁଳ ଅମାବାସ୍ୟା ଏବଂ ପହିଲି ଭୋଗରେ ଶ୍ରୀଜଗନ୍ନାଥଙ୍କ ପାଖରେ ଲାଗି ହୁଏ ।

୪. ପ୍ର - ଶ୍ରୀମନ୍ଦିର ପୂଜା ବିଧିରେ 'ଗଜାମୁଗ' କ'ଣ ଗୁରୁତ୍ୱବହନ କରେ ?
ଉ - ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣିରେ ପାଣିରେ ବତୁରି ଗଜା ହୋଇଥିବା ଗୋଟାମୁଗ ଗର୍ଭଣା ସଂକ୍ରାନ୍ତି, ପ୍ରଥମାଷ୍ଟମୀ, ଚିତାଲାଗି ଅମାବାସ୍ୟା, ଦେବସ୍ନାନ, ନେତ୍ରୋତ୍ସବ, ଗୁଣ୍ଡିଚା ଘର ଭୋଗ, ହେରାପଞ୍ଚମୀ, ଅକ୍ଷୟତୃତୀୟା, ଦମନକ ଚତୁର୍ଦ୍ଦଶୀ, ରାମଜନ୍ମ, ଦୋଳ ପୂର୍ଣ୍ଣିମା ପ୍ରଭୃତିରେ ଠାକୁରଙ୍କୁ ଧୂପରେ ଲାଗି ହୁଏ ।

୫. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଗଦି ପ୍ରସାଦ'ର ମାନେ କ'ଣ ?
ଉ - ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଦିନ ଜଳଛେକ ଆସିବା ପରେ ମୁଦିରଥ, ଠାକୁରଙ୍କୁ ଗଦି ପ୍ରସାଦ (ତୁଳାରେ ପ୍ରସ୍ତୁତ କରାଯାଇଥିବା ମୁତୁଳା) ଲାଗି କରାନ୍ତି ।

୬. ପ୍ର - ଶ୍ରୀମନ୍ଦିରରେ 'ଗଦିଫେଟା'ର ଗୁରୁତ୍ୱ କ'ଣ ?
ଉ - ନାଲିଧଡ଼ି ଥିବା ଧଳାରଙ୍ଗର ଚେମେଡ଼ି ବସ୍ତ୍ର । ସକାଳ ପୂଜା ଉପଚାରାଦିରେ ଶ୍ରୀଜଗନ୍ନାଥଙ୍କ ବସ୍ତ୍ର ଭାବରେ ଅର୍ପିତ ହୁଏ । ଠାକୁରଙ୍କ ଚମ୍ପକ ଦ୍ୱାଦଶୀ, ସ୍ନାନ ପୂର୍ଣ୍ଣିମା, ପୁଷ୍ୟାଭିଷେକ, ବସନ୍ତ ପଞ୍ଚମୀ, ଭୀଷ୍ମ ଏକାଦଶୀ, ଅକ୍ଷୟ ତୃତୀୟା ଏବଂ ଦୋଳଯାତ୍ରା ପ୍ରଭୃତିରେ ବ୍ୟବହୃତ ହୁଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*

## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୧୬) ୧୮୪୭ ମସିହା ରଥଯାତ୍ରା

*ପୂର୍ବ ପ୍ରକାଶିତ ଉତ୍ତାରୁ....*

ଫାର୍ଗୁସନ ରଥଯାତ୍ରାର ଭୟଙ୍କର ଅବସ୍ଥା ସମ୍ବନ୍ଧରେ ନିଜର ମୋହଭଙ୍ଗ ଘଟିବା ବିଷୟରେ ଲେଖିଛନ୍ତି, 'ଯାତ୍ରାର ଭୟାବହତା ସମ୍ପର୍କରେ ଅନେକ ମତ ପ୍ରକାଶ ପାଇଛି । ଶହ ଶହ ଲୋକଙ୍କ ଶବ ରାସ୍ତାରେ ପଡ଼ିଥାଏ ଏବଂ ରାସ୍ତାଗୁଡ଼ିକ ସେମାନଙ୍କ ହାଡ଼ରେ ଧଳା ଦେଖାଯାଏ- ଲୋକମାନେ ନିଜକୁ ରଥତଳେ ସମର୍ପଣ କରନ୍ତି ।' କିନ୍ତୁ ମୁଁ ଅତି ଆଶ୍ଚର୍ଯ୍ୟ ହୋଇ ଦେଖିଲି ଯେ, ଇଂଲଣ୍ଡରେ ଲୋକମାନେ ଯେପରି ନିଜ ଭିତରେ କଥାବାର୍ତ୍ତା ଓ ହସ ପରିହାସ ପୂର୍ବକ ମେଳା ଦେଖିବାକୁ ଯାଆନ୍ତି, ତୀର୍ଥଯାତ୍ରୀମାନେ ସେହିପରି ସାଧାରଣ ଭାବରେ ରଥଯାତ୍ରା ଦେଖିବାକୁ ଆସୁଛନ୍ତି । ଯାହା ପୂର୍ବରୁ ଥିବା ମୋର ଧାରଣାକୁ ଭ୍ରାନ୍ତ ବୋଲି ପ୍ରମାଣିତ କଲା । ପ୍ରକୃତରେ ଏସବୁ ଦେଖି ମୁଁ ଅତି ନିରାଶ ହେଲି ।



କେତେଜଣ ଧର୍ମାନ୍ଧ ବ୍ୟକ୍ତି ନିଜ ଶରୀର ଦ୍ୱାରା ରାସ୍ତାକୁ ମାପୁଥିଲେ । କେତେଜଣ ରାସ୍ତା ଉପରେ ଗଡ଼ୁଥିଲେ ଏବଂ କେତେଜଣ କିଛି ଅସଙ୍ଗତ କ୍ରିୟା କଳାପ କରୁଥିଲେ । କିନ୍ତୁ ଏଭଳି ଲୋକ ଭାରତ ବର୍ଷର ପ୍ରତ୍ୟେକ ସହରରେ ଦେଖାଯାଆନ୍ତି । କିନ୍ତୁ ପ୍ରାଣ ବିସର୍ଜନ ବିଷୟରେ କେହି ଏହା ପୂର୍ବରୁ ଶୁଣି ନଥିଲେ । ଏହା ସତ ଯେ ଅନେକ ବ୍ୟକ୍ତି ନିଜକୁ ରଥତଳେ ନିକ୍ଷେପ କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ସେଠାରେ ଠିଆ ହୋଇଥିବା ଅନ୍ୟ ଲୋକମାନେ ସେମାନଙ୍କୁ ରଥ ମାଡ଼ିଆସିବା ପୂର୍ବରୁ ଧକ୍କା ମାରି କିମ୍ବା ଗୋଇଠା ମାରି ଘୁଞ୍ଚେଇ ଦେଉଥିଲେ । ମୁଁ ଘରିଆଡ଼େ ଗୋଟିଏ ଯାତ୍ରୀର ଖପୁରୀ ଖୋଜିବାକୁ ଚେଷ୍ଟା କରୁଥିଲି, ତା'ର ଭକ୍ତିଭାବକୁ ପରୀକ୍ଷା କରିବା ପାଇଁ ଏବଂ ପାଇଥିଲେ ଆଗ୍ରହବଶତଃ ନିଜ ପାଖରେ ରଖିଥାନ୍ତି । କିନ୍ତୁ ଖପୁରୀ ତ ଦୂରର କଥା ମୁଁ ତା'ର ହାଡ଼ ଖଣ୍ଡିଏ ମଧ୍ୟ ପାଇଲି ନାହିଁ । ତଥାପି ଯେହେତୁ ଶାସକ ଗୋଷ୍ଠୀ ଏବଂ ଏହି ତଥ୍ୟର ପ୍ରଚାରକମାନେ ସମ୍ମାନନୀୟ, ତେଣୁ ଆମ୍ଭମାନଙ୍କୁ ଚିନ୍ତା କରିବାକୁ ପଡ଼ିବ ଏଭଳି ଦୁର୍ଘଟଣା ହୁଏତ କେବେ ଘଟିଥିବ ଏବଂ ଇଣ୍ଡିଆ ହାଉସର ଧର୍ମ ପ୍ରଚାରକ ଓ ପ୍ରବଚକମାନଙ୍କର ଯଦି ଏ ବିଷୟରେ କୌଣସି ଦିଗ୍‌ଦର୍ଶନ ଥାଏ, ତା'ହେଲେ ସମ୍ଭବତଃ ସେମାନେ ଏହାର ଉତ୍ତର ଦେବେ ।

ଏହି ଧର୍ମ ପ୍ରଚାରକ ବା ପ୍ରବକ୍ତାମାନେ ତୀର୍ଥକର ପାଇବା ପର୍ଯ୍ୟନ୍ତ ପାଟିତୁଣ୍ଡ କରୁଥିଲେ ଏବଂ ସରକାରଙ୍କ ହସ୍ତକ୍ଷେପ ବନ୍ଦ ହେବାର ପ୍ରଥମ ବର୍ଷରେ ଆଠଜଣ ତୀର୍ଥଯାତ୍ରୀ ଆତ୍ମାହୁତି ଦେଇଥିଲେ । ଶୁଣାଯାଏ ଏହା ଇଚ୍ଛାକୃତ ନଥିଲା, ଭୁଲ ବଶତଃ ରଥ ଚକ ଭିତରେ ପଶିଯିବା ଦ୍ୱାରା ମୃତ୍ୟୁ ଘଟିଥିଲା । ସମ୍ଭବତଃ ପୂଜାରୀମାନେ ତାଙ୍କ ଠାକୁରଙ୍କୁ ଦଳି ଦେବା ନିମନ୍ତେ ସେମାନଙ୍କୁ ଜବରଦସ୍ତ ଠେଲି ଦେଇଥିଲେ ।

ଏହି ସବୁ ଅଦ୍ଭୁତ ଘଟଣା ଯୋଗୁଁ ପ୍ରତିମା ପୂଜକମାନଙ୍କର ସାଧାରଣ ତଥା ରାଜନୈତିକ ଜୀବନରେ ହସ୍ତକ୍ଷେପ କରି ଯଦି ଆମେ ସେମାନଙ୍କୁ ପରିଚାଳନା କରୁ ତା'ହେଲେ କୌଣସି ଭୁଲ ହେବ ନାହିଁ । ଆମେ ଯଦି ସେମାନଙ୍କର କାରଖାନା ମାଲିକମାନଙ୍କୁ ବିଲୋପ ଏବଂ କୃଷକମାନଙ୍କୁ ଧୂଳିସାତ୍ କରିବାରୁ ବିରତ ରହି ସାମାନ୍ୟ ସରଳ ବିଶ୍ୱାସ ଉପରେ କର ବସାଉ ତାହା ହେଲେ ସେମାନେ ଭୁଲ ବୁଝିବେ ନାହିଁ । କିନ୍ତୁ ଆମେ ଯଦି ପୂଜାରୀମାନଙ୍କର ଅସତ୍ ଉପାର୍ଜନ ଉପରେ ହସ୍ତକ୍ଷେପ କରୁ କିମ୍ବା ଅଜ୍ଞ ତୀର୍ଥଯାତ୍ରୀମାନଙ୍କର କୁସଂସ୍କାର ଉପରେ ଚାପ ପକାଉ, ତା'ହେଲେ ସେମାନେ ନିଶ୍ଚୟ ଭୟଭୀତ ଓ ଉତ୍‌କ୍ଷିପ୍ତ ହେବେ । ଫାରଗୁସନ୍ ଜଗନ୍ନାଥଙ୍କ ରଥତଳେ ଆତ୍ମାହୁତି ବିଷୟରେ ମନ୍ତବ୍ୟ ଦେଇଥିଲେ । ଡ: ଡେଭିଡ ସ୍ମିଥ ତାଙ୍କର 'ପିଲଗ୍ରିମେଜ ଟୁ ଜଗନ୍ନାଥ' ନାମକ ପ୍ରବନ୍ଧରେ ଲେଖିଛନ୍ତି-

'ବିଗତ ବର୍ଷମାନଙ୍କରେ ଭକ୍ତମାନଙ୍କର ରଥ ତଳେ ଆତ୍ମାହୁତି ଦେବାର ପ୍ରବଳ ଆଗ୍ରହ ଥିଲା ଏବଂ ରଥ ଯାତ୍ରାର ଏକ ଭାବବିହ୍ୱଳ ମୁହୂର୍ତ୍ତରେ ଉନ୍ମତ୍ତ ହୋଇ ଉତ୍ତେଜନା ବଶତଃ ସେମାନେ ରଥତଳେ ନିଜକୁ ସମର୍ପଣ କରୁଥିଲେ ଓ ରଥ ମାଡ଼ିଯାଇ ମୃତ୍ୟୁ ଘଟୁଥିଲା । ● (ଅନୁବାଦିତ)

*ଐତିହ୍ୟ ପୃଷ୍ଠାରୁ ...*

## ପୂର୍ଣ୍ଣ ସ୍ୱରୂପ ପରମେଶ୍ୱର

ଶାସ୍ତ୍ରରେ ଅଛି ଶ୍ରୀପରମେଶ୍ୱର 'ପୂର୍ଣ୍ଣଜ୍ଞାନ' ସ୍ୱରୂପ । ପରମେଶ୍ୱର ହେଉଛନ୍ତି ସ୍ୱୟଂ ଜଗନ୍ନାଥ । ମହର୍ଷିମାନେ ତାଙ୍କୁ ଶ୍ରୀପରମେଶ୍ୱର ବୋଲି ସମ୍ବୋଧନ କରୁଥିଲେ । ମାଦଳାପାଂଜିରେ ମଧ୍ୟ ମହାପ୍ରଭୁଙ୍କୁ ଏହି ନାମରେ ବହୁବାର ସମ୍ବୋଧନ କରାଯାଇଛି ।



ପରମେଶ୍ୱର ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣଜ୍ଞାନ ସ୍ୱରୂପ । ତାଙ୍କ ଧାମ ମଧ୍ୟ ପୂର୍ଣ୍ଣ । ସେଥିପାଇଁ ତ ପୁରୀ ! ପୂର୍ଣ୍ଣଜ୍ଞାନର ପରିଭାଷା ଅନେକ । ଗୋଟିଏ କଥା ଆମେ ବୁଝିଲେ ଜାଣିପାରିବା- ସକଳ ଜଗତର ରହସ୍ୟ ଯେଉଁଠି ଏକାଠି ରହିଛି, ତାହାର ସାମାନ୍ୟ ଅନୁଭବ ଯେ କରିପାରେ ସେ ଜ୍ଞାନୀ । ଯାର ମଧ୍ୟ ସୀମା ଅଛି । ଜ୍ଞାନ ଥିଲା ସତ୍ୟଯୁଗରେ ଶକ୍ତି । ମନ୍ତ୍ର ଥିଲା ତ୍ରେତା ଯୁଗରେ ଶକ୍ତି । ଆଉ ଦ୍ୱାପରରେ ! ବୀରତ୍ୱ ବା ଯୁଦ୍ଧ ଥିଲା ଶକ୍ତି । କଳିରେ ଶକ୍ତି ହେଲା ସଂଘ ।

ତ୍ରେତାୟାଂ ମନ୍ତ୍ରଶକ୍ତିଶ୍ଚ ଜ୍ଞାନଶକ୍ତି କୃତେଯୁଗେ ।
ଦ୍ୱାପରେ ଯୁଦ୍ଧଶକ୍ତିଶ୍ଚ ସଂଘଶକ୍ତି କଲୌଯୁଗେ ॥

ଶକ୍ତିମୟ ଜ୍ଞାନକୁ ମହାଜନମାନେ ସାମାନ୍ୟ ଅଲଗା ଢ଼ଙ୍ଗରେ ପ୍ରକାଶ କରିଛନ୍ତି । ମଣିଷ ଭିତରେ ଥିବା ଜ୍ଞାନର 'ଉଦୟ' ହୁଏ । ଉଦୟ ହେଲେ ଜଗତ ରହସ୍ୟ ଭେଦ ହୁଏ । ସେଥିପାଇଁ ଜ୍ଞାନକୁ ଯୋଗ ସହିତ ଯୋଡ଼ା ହୋଇ କୁହାଯାଇଛି- ଜ୍ଞାନଯୋଗ ।

ଜ୍ଞାନ ଯେଉଁଠି କେନ୍ଦ୍ରୀଭୂତ, ସେ ହେଲେ ପୂର୍ଣ୍ଣଜ୍ଞାନ ସ୍ୱରୂପ । ମହାପ୍ରଭୁ ପୂର୍ଣ୍ଣଜ୍ଞାନ ସ୍ୱରୂପର ପ୍ରତୀକ ହୋଇ ଥିବାରୁ ସାମବେଦରେ କୁହାଗଲା- 'ବେଦାନ୍ତ ବେଦ୍ୟଂ ପୁରୁଷଂ' ଋଗ୍‌ବେଦ (ଦଶମ ମଣ୍ଡଳ)ର ମନ୍ତ୍ର ଉପରେ ଆଚାର୍ଯ୍ୟ ସାୟଣ କହିଲେ- ସମୁଦ୍ର ତୀରରେ ଯେଉଁ 'ଦାରୁ' ପହଞ୍ଚି ଥିଲେ, ସେ ଦାରୁମୟଂ ପୁରୁଷୋତ୍ତମାଖ୍ୟଂ । ସେଇ ଦାରୁ ହିଁ ଶ୍ରୀପୁରୁଷୋତ୍ତମ । ଯିଏ ଦୁଃଖ ହରଣ କରିପାରନ୍ତି । ଦର୍ଶନ କଲେ 'ଉତ୍ତମ' ଗତି ପ୍ରାପ୍ତ ହୁଏ । ଦୁଃଖ ଦୂର ନହେଲେ ଉତ୍ତମ ଗତି ସମ୍ଭବ ନୁହେଁ । ଏହା ଅନୁଭବର କଥା । ଅନୁଭବ କରିଥିଲେ ଆମର ମଧ୍ୟଯୁଗର ପାଞ୍ଚଜଣ ସଖା । ସେମାନେ ଜ୍ଞାନ ସହିତ ଭକ୍ତିକୁ ମିଶାଇଥିଲେ । ଭକ୍ତିରେ ସମର୍ପିତ ହେଲେ 'ଜ୍ଞାନ'ର ଉଦୟ ସମ୍ଭବ ବୋଲି ପୋଥି ପତ୍ରରେ ଲେଖି ଦେଇଗଲେ । ଆମର ଜ୍ଞାନ ମିଶା ଭକ୍ତିର ବାର୍ତ୍ତା ଭାରତକୁ ନୂଆ ଦିଗ ଦେଖାଇଛି ।

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧* ●

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।
ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଫଟୋରେ ଖବର...




ତା. ୨୯.୧୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱର ବରମୁଣ୍ଡାର ଶ୍ରୀଯୁକ୍ତ ସୁବ୍ରତ ରଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପାଞ୍ଚ ଲକ୍ଷ ଟଙ୍କା ସମେତ ରୂପା ସାମଗ୍ରୀ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ, ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନା, ପ୍ରଶାସକ (ସୁରକ୍ଷା) ଶ୍ରୀଯୁକ୍ତ ସ୍ୱପ୍ନ ରଞ୍ଜନ ମହାପାତ୍ର ଏବଂ ଓ.ଏସ୍.ଡି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଉପସ୍ଥିତିରେ ପ୍ରଦାନ କରୁଛନ୍ତି ।



ତା. ୪.୧.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ 'ତୃତୀୟ ପଞ୍ଜିକା ସମୀକରଣ' ବୈଠକ ।



ତା. ୫.୧.୨୨ରେ ୧୫ ରୁ ୧୮ ବର୍ଷ ବୟସର ପିଲାଙ୍କ କୋଭିଡ୍ ଟୀକାକରଣ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସେବକ ପରିବାର ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ପିଲାଙ୍କୁ ନୀଳାଦ୍ରି ଭକ୍ତ ନିବାସ ଠାରେ ଟୀକାକରଣ ଆରମ୍ଭ ହୋଇଛି ।



ତା. ୫.୧.୨୨ରେ ଭାରତୀୟ ପ୍ରଶାସନିକ ସେବା (I.A.S.)ରେ ନବ ନିଯୁକ୍ତ ପ୍ରାପ୍ତ ୧୭ ଜଣ ଶିକ୍ଷାନବିଶ 'ଭାରତ ଦର୍ଶନ କାର୍ଯ୍ୟକ୍ରମ'ର ଅଂଶ ବିଶେଷ ଭାବେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।




ତା. ୭.୧.୨୨ରେ ଶ୍ରୀମନ୍ଦିର ଦର୍ଶନ ମାର୍ଗ ଦର୍ଶିକା ନେଇ ଛତିଶା ନିଯୋଗ ସଦସ୍ୟ ଓ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଆଲୋଚନା ।

# ଫଟୋରେ ଖବର...



ତା. ୧୦.୧.୨୨ରେ ଚଳିତ ବର୍ଷ ରଥଯାତ୍ରା ପାଇଁ ରଥ କାଠ ଚିହ୍ନଟ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଦଳ ମହାପ୍ରଭୁଙ୍କ ଅଙ୍ଗ ବସ୍ତ୍ର, ମାଳ, ମାହାର୍ଦ୍ଧ ଇତ୍ୟାଦି ସହ ନୟାଗଡ଼ ଯାତ୍ରା ।



ତା. ୧୧.୧.୨୨ରେ ନୟାଗଡ଼ ଜିଲ୍ଲାର ବଡ଼ରାଉଳଙ୍କ ପୀଠରେ 'ରଥ କାଠ କଟାଯିବା' ପାଇଁ ପୂଜାର୍ଚ୍ଚନା ।



ତା. ୧୨.୧.୨୨ରେ ମକର ସଂକ୍ରାନ୍ତିର ଅବ୍ୟବହିତ ପୂର୍ବରୁ ଶ୍ରୀଜଗନ୍ନାଥ ବଲ୍ଲଭ ସମ୍ମୁଖରେ ଶ୍ରୀରାମ-କୃଷ୍ଣଙ୍କ ନିକଟରେ 'ଦୁଧମେଲାଣି ନୀତି' ଅନୁଷ୍ଠିତ ।



ତା. ୧୩.୧.୨୨ରେ ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ଅବସରରେ ମକର ଚଉଳ ପ୍ରସ୍ତୁତି ପାଇଁ ଅଠରନଳାସ୍ଥିତ ମା' ଆଲାମଚଣ୍ଡୀଙ୍କ ମନ୍ଦିରରୁ 'ମକର ଡାଡ଼' ଶ୍ରୀମନ୍ଦିରକୁ ବିଜେ ।



ତା. ୧୪.୧.୨୨ରେ ମକର ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିର ନୀଳଚକ୍ର ପାଖ କଳସ ଏବଂ ଦଧିନଉତିରେ ଥିବା ରାମାନନ୍ଦୀ ଚିତାକୁ ଚୂନରା ସେବକମାନେ ଗେରୁ ଦ୍ୱାରା ଲେପନ କରୁଅଛନ୍ତି ।



ତା. ୨୦.୧.୨୨ରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ପକ୍ଷରୁ ସେବାୟତଙ୍କ ସମ୍ପର୍କରେ କରାଯାଇଥିବା ସର୍ଭେକ୍ଷଣର ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଏବଂ ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କୁ ହସ୍ତାନ୍ତର କରାଯାଉଛି ।

# ମା'ଙ୍କ ହାତରନ୍ଧା ପହିଲି ଭୋଗରେ ମନ

ଆଦ୍ୟ ମାର୍ଗଶିର ମାସର ସୁନା ସକାଳ । ବଡ଼ଦେଉଳର ନୀଳଚକ୍ର ଉପରେ ସୁନେଲି ଅରୁଣ କିରଣ ପଡ଼ି ଚିକ୍‌ଚିକ୍ କରୁଛି । ଶିଶିର ବିନ୍ଦୁଗୁଡ଼ିକ ପଞ୍ଝୁଦୋଳ ବିମାନ ଭଳି ଦେଖାଯାଉଛନ୍ତି । ସିଂହଦରଜା ଖୋଲିନାହିଁ । ବଡ଼ପଣ୍ଡାଏ ଆସିନାହାନ୍ତି । ମାଆ ଲକ୍ଷ୍ମୀଠାକୁରାଣୀ ହାତରେ ଆଳତି ସରଞ୍ଜାମ ଧରି ଆସି ହଠାତ୍ ପହଞ୍ଚିଗଲେ । ଶ୍ରୀଜଗନ୍ନାଥ ମହାପ୍ରଭୁ ଗତ ରାତି ବଡ଼ସିଂହାର ବେଳେ ଲାଗି ହୋଇଥିବା ତୁଳସୀ ଦୟଣା ହାରକୁ ଶ୍ରୀଅଙ୍ଗରୁ ଉଲାଗି କରିନାହାନ୍ତି । ସେବକମାନେ ଆସିବେ, ପ୍ରାତଃକାଳୀନ ନୀତି ହେବ । ମଙ୍ଗଳ ଆଳତି ହେବ । ଭକ୍ତମାନେ ହରିବୋଲ ହୁଳହୁଳି ଧ୍ୱନି ଦେଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବେ । ତା'ପରେ ସେବକମାନେ ବେଶ ଉଲାଗି କରିବେ । ଦନ୍ତ ମାର୍ଜନ, ସ୍ନାନ ଏବଂ ସକାଳର ବଲ୍ଲଭଭୋଗ ବା ଜଳଖିଆ ଲାଗି । ମା' ଲକ୍ଷ୍ମୀ ଠାକୁରାଣୀଙ୍କର ଏଭଳି ହଠାତ୍ ପ୍ରବେଶ ଦେଖି ବଡ଼ଠାକୁର ଶ୍ରୀବଳଭଦ୍ର ରତ୍ନଖଟରୁ ରତ୍ନସିଂହାସନକୁ ଉଠିଗଲେ । ଭଉଣୀ ଶ୍ରୀ ସୁଭଦ୍ରା ମଧ୍ୟ ଯାଇ ରତ୍ନବେଦିରେ ଚୁପ୍‌ଚାପ୍ ଆପଣା ଆସନରେ ବସିଗଲେ । ଖଟ ଉପରେ ଉଠିବସି ହାଇ ମାରୁ ମାରୁ ମହାପ୍ରଭୁ ପଚାରିଲେ ସିନ୍ଧୁ ରାଜଜେମା- ଏ ଶୀତ ସକାଳରେ ଏତେ ସଅଳ ସଅଳ କାହିଁକି ? ରତ୍ନବେଦିରେ ବସିଥିବା ଦେଢ଼ଶୁର ଓ ନଣନ୍ଦଙ୍କ ଆଡ଼କୁ କଣେଇ ଚାହିଁ ମାଆ ଲକ୍ଷ୍ମୀ ସାଆନ୍ତାଣୀ ଓଢ଼ଣାଟିକୁ ଆଗକୁ ଟାଣି ଆଣିଲେ । ମୁଖମଣ୍ଡଳରେ ସ୍ମିତ ହାସ୍ୟରେଖା ଖେଳାଇ ବୀଣାଜିଣା କଣ୍ଠରେ ଧୀର ଭାବରେ ଉତ୍ତର ଦେଲେ ମହାବାହୁ, ମୋ ମାଗୁଣି ରଖିବେ ତ ! ଆଗେ ସତ୍ୟ କରନ୍ତୁ । ତା'ପରେ ତୁଣ୍ଡ ଖୋଲିବି । ହୋ ହୋ ହୋଇ ହସିଉଠି ମହାପ୍ରଭୁ କହିଲେ, ଚଉଦବ୍ରହ୍ମାଣ୍ଡର ପାଳନକର୍ତ୍ତ୍ରୀ ଲକ୍ଷ୍ମୀ ସାଆନ୍ତାଣୀଙ୍କର ପୁଣି ମାଗୁଣି । ଆଚ୍ଛା ସତ୍ୟ କଲି, କି ମାଗୁଣି ପ୍ରକାଶ କରିପାର । ଅତି ବିନୀତ ଭାବରେ ମା' କହିଲେ- ମହାପ୍ରଭୁ, ବହୁଦିନ ହେଲା ଯାଇନି । ପିତା ବରୁଣାଳୟକୁ ଯିବା ପାଇଁ ଅନୁମତି ଦେବା ହେଉ । ପିତାଙ୍କ ମନ୍ଦିରକୁ ଯିବ ? କ'ଣ ଖବର ଆସିଛି ? ସାଙ୍ଗରେ ତ ଦାସୀ ପରିବାରି ଯିବେ । ସାଥିରେ ଭବ୍ୟ ଉପହାରମାନ ନେଇକରି ଯିବ । ଏତେ ଶୀଘ୍ର ସେ ସବୁ ବନ୍ଦୋବସ୍ତ ହୋଇପାରିବ ତ ? ତା'ଛଡ଼ା ଆଜି ଧନୁ ସଂକ୍ରାନ୍ତି । ଧନୁମୁଆଁ ପ୍ରସ୍ତୁତ କରିବ କେତେବେଳେ ? ମାଆ କହିଲେ- ଛେନା ଖଇ ସବୁ ତ ପ୍ରସ୍ତୁତ ହୋଇ ରହିଛି । ପୂଜାପଣ୍ଡା ଆସିଲେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା କରିବେ । ଆପଣ ସତ୍ୟ କରିଛନ୍ତି । ମାସକ ପାଇଁ ପିତ୍ରାଳୟକୁ ଯିବାପାଇଁ ଶ୍ରୀମୁଖରୁ ଆଜ୍ଞା ହେଉ । ହଠାତ୍ ଚମକି ପଡ଼ି ମହାପ୍ରଭୁ କହିଲେ ଏଁ ମାସେକାଳ ତୁମେ ବଡ଼ଦେଉଳ ଛାଡ଼ି ଚାଲିଯିବ ? ଆମମାନଙ୍କ କଥା ବୁଝିବ କିଏ ? ତା'ଛଡ଼ା ବଡ଼ ଭାଇଙ୍କ ଆଦେଶ ବ୍ୟତିରେକେ ମୁଁ ତ କିଛି କହିପାରିବି ନାହିଁ । ମାଆ କହିଲେ- ଆପଣ ବଡ଼ଭାଇଙ୍କୁ ବୁଝାଇ ଦେବେ । ସେ ଜମା ଅମଙ୍ଗ ହେବେ ନାହିଁ । ତା'ଛଡ଼ା ଛତିଶାନିଯୋଗ ତ ତାଙ୍କ କାର୍ଯ୍ୟରେ ଦିନରାତି ମନଧ୍ୟାନ ସହକାରେ ଖଟିଥାନ୍ତି । ଷାଠିଏ ପଉଟି ଅନ୍ନ, ବ୍ୟଞ୍ଜନ, ଖିରି, ପୁରି, ପିଠା, ମିଠା, ଶାଗ, ରାଇ, ମଧୁରୁଚିର ଅଭାବ ରହିବ ନାହିଁ ମ । ରସିକତା କରି ମହାପ୍ରଭୁ କହିଲେ, ଯିଏ ଯେତେ ପ୍ରକାର ରାନ୍ଧୁ ପଛକେ, ଲକ୍ଷ୍ମୀ ସାଆନ୍ତାଣୀଙ୍କର ସୁନାଚଟୁ ନ ବାଜିଲେ ବଡ଼ଭାଇ କହିବେ, 'ଲକ୍ଷ୍ମୀଙ୍କ ରାନ୍ଧଣା ପରି ଉତ୍ତମ ଜଣାଯାଉ ନାହିଁ । ବିଚରା ହନୁମାନ ସିଆଡ଼େ ଶିରୁଳିଠାରେ ବସି ଚାହିଁଥିବ ମାଆଙ୍କ ହାତ ତିଆରି ଲଡ୍ଡୁ ମହାପ୍ରସାଦ ପାଇଁ । ମାଆ କହିଲେ, ଶୀତଦିନ ଆସିଲେ ଆପଣଙ୍କର ଦ୍ୱାପରଯୁଗ କଥା ମନେପଡ଼େ । ପାହାନ୍ତିଆରୁ ଉଠି ଗୁଆଘିଅ ମୁଗଯାଇ ମିଶା ଘଡ଼ିରନ୍ଧା କାଠିମରା ଭାତରେ ସରପୁଳି ଲଗାଇ ଯଶୋଦା ମାଆ କେଡ଼େ ସରାଗରେ ଡାକନ୍ତି, ବାପଧନ ନୀଳମଣିରେ ! ଉଠ ଉଠ ପ୍ରଭାତ ହେଲାଣି । ନୀଳକନ୍ଦରରେ ରାଜାଧିରାଜ ଉପଚାର ପାଇ ମଧ୍ୟ ସେ କାଠିମରା ଭାତ ସାତ ସପନ ହେଇଗଲା ବୋଲି ବେଳେବେଳେ ସୁମରି ହେଉଛନ୍ତି । ଆପଣ ତ ଅକର୍ମ କର୍ମଦାୟକ, ଅଘଟଣ ଘଟଣକାରୀ ମାୟାଧର । ଏତିକି ବ୍ୟବସ୍ଥା କରିପାରିଲେ ବଡ଼ଭାଇ ସନ୍ତୁଷ୍ଟ ହୁଅନ୍ତେ । ସାନଭଉଣୀ ମଧ୍ୟ ଖୁସି ହୁଅନ୍ତେ । ସମସ୍ତେ ଦ୍ୱାପର ଯୁଗର ଗୋପଲୀଳା ଚିନ୍ତା କରୁ କରୁ ମାସଟାଏ ଦେଖୁ ଦେଖୁ କୁଆଡ଼େ ବିତିଯାଆନ୍ତା । ମୁଁ ଟିକିଏ ବାପଘର ଆଡ୍ଡୁ ବୁଲାବୁଲି କରି ଏଇଭିତରେ ଫେରି ଆସନ୍ତି । ହସି ହସି ମହାପ୍ରଭୁ କହିଲେ, ତେବେ ତୁମଆଡ୍ଡୁ ବଲ୍ଲଭ ପୂର୍ବରୁ ଆଉ ଗୋଟିଏ ପହିଲି ଭୋଗର ବ୍ୟବସ୍ଥା ବଡ଼ ଦେଉଳରେ ହେବ ବୋଲି କହୁଚ ତ ! ଆଚ୍ଛା । ଆଜିଠାରୁ ମାଆଙ୍କ ସ୍ମୃତିରେ ବଡ଼ ଦେଉଳରେ ପହିଲି ଭୋଗ ବ୍ୟବସ୍ଥା ହେବ । ଆମେ ଭାଇ ଭଉଣୀ, ବିମଳା ଠାକୁରାଣୀ ଖାଇ ସାରିବାପରେ ଭକ୍ତ ଜନଗଣ ମଧ୍ୟ ପହିଲି ଭୋଗ ମହାପ୍ରସାଦ ପାଇ ଧନ୍ୟ ହେବେ । ମାଆ ଲକ୍ଷ୍ମୀଠାକୁରାଣୀ ହସ ହସ ମୁହଁରେ କର୍ପୂର, ଗୁଆଘିଅ ଏବଂ ବଟାସୋଦୁଅ ଆଳତି ଥାଳିରେ ସଜାଡ଼ି ରଖୁ ରଖୁ ରତ୍ନ ସିଂହାସନ ଆଡ଼କୁ ଚାହିଁ ମୁଣ୍ଡ ଉପର ଓଢ଼ଣାଟିକୁ ଟିକିଏ ତଳକୁ ଟାଣି ଆଣି କହିଲେ, ମହାପ୍ରଭୁଙ୍କର ଜୟ ହେଉ ।



ମହାପ୍ରଭୁ କହିଲେ ନା ଲକ୍ଷ୍ମୀ, କୁହ ବଡ଼ଠାକୁରଙ୍କର ବଡ଼ତି ହେଉ । ଜଗନ୍ମାତାଙ୍କର ଯାତ୍ରା କୁଶଳ ହେଉ ।

*● ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ଫେବୃୟାରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୨.୨.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମବେଶ |
| ତା. ୫.୨.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା |
| ତା. ୧୨.୨.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ଭୌମୀ ଏକାଦଶୀ |
| ତା. ୧୩.୨.୨୨ ରିଖ ରବିବାର | ଶ୍ରୀମନ୍ଦିରରେ କୁମ୍ଭ ସଂକ୍ରାନ୍ତି |
| ତା. ୧୬.୨.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜଉଦ୍ଧାରଣ ବେଶ |
| ତା. ୨୭.୨.୨୨ ରିଖ ରବିବାର | ପଙ୍କୋଧାର ଏକାଦଶୀ |

*ସୌଜନ୍ୟ-* OMC | ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***
***E-mail : jagannath.or@nic.in * Web Site : www.shreejagannatha.in***
***Printed at : Rama Press, North Gate, Puri***
*ମୂଲ୍ୟ : ଦୁଇଟଙ୍କା ମାତ୍ର*